102 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2021-2023

- Koraput, Sunday 17 July 2022
- କୋରାପୁଟ, ରବିବାର ୧୭ ଜୁଲାଇ ୨୦୨୨
- ଆଜି କର୍କଟ ୧ ଦିନ, ୧୪୨୯ ସାଲ
- ଆଷାଢ଼ ୨୬ ଦିନ, ୧୯୪୪ ଶକାବ୍ଦ, କୃଷ୍ଣପକ୍ଷ ଚତୁର୍ଥୀ
- ଭାଗ-୯୩ ସଂଖ୍ୟା- ୧୯୪
- www.thesamaja.com
www.samajaepaper.com
www.samajalive.in

ଟ ୭.୦୦ (୧୬+୮ ପୃଷ୍ଠା)

ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
PRINTED AT CUTTACK, SAMBALPUR, BALESWAR, JEYPORE

ତେଷାମହଂ ସମୁଦ୍ଧର୍ତ୍ତା ମୃତ୍ୟୁସଂସାରସାଗରାତ୍ ।
ଭବାମି ନଚିରାତ୍ ପାର୍ଥ ମୟ୍ୟାବେଶିତଚେତସାମ୍ ॥
(ଗୀତା : ୧୨-୭)



ହେ ଅର୍ଜୁନ ! ମୋଠାରେ ଚିତ୍ତ ନିବେଶ କରିଥିବା ସେହି ପ୍ରେମୀଭକ୍ତମାନଙ୍କୁ ମୁଁ ଶୀଘ୍ର ହିଁ ମୃତ୍ୟୁରୂପକ ସଂସାରସାଗରରୁ ଉଦ୍ଧାର କରିଦିଏ ।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ତିନି ଦିନିଆ ପ୍ରାଥମିକ ଚିକିତ୍ସା ତାଲିମ ଶିବିର

ସୁନାବେଡା,୧୬ ।୭ (ନିପ୍ର) - ସୁନାବେଡାସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ତିନି ଦିନିଆ ପ୍ରାଥମିକ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି । କୁଳପତି ପ୍ରଫେସର ଶରତ କୁମାର ପାଳିତ ଶିବିରକୁ ଉଦ୍‌ଘାଟନ କରିଥିଲେ । ଓଡ଼ିଶା ସେଣ୍ଟ ଜନ୍ସ ଆମ୍ବୁଲାନ୍ସର ସଚିବ ସନତ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ କହିଥିଲେ ସମାଜର ଯେ କୌଣସି ସ୍ଥାନରେ ପ୍ରତ୍ୟେକ ଘଟଣାରେ ମାନବ ଜୀବନ ବଞ୍ଚାଇବା ପାଇଁ ପ୍ରାଥମିକ ଚିକିତ୍ସା କୌଶଳର ଆବଶ୍ୟକତା ରହିଛି । ଓଡ଼ିଶାରେ ଗ୍ରାମ୍ୟସ୍ତରରୁ ଲୋକଙ୍କୁ ତାଲିମ ଦେବାକୁ ଚେଷ୍ଟା କରାଯାଉଛି ଏହା ଦ୍ୱାରା ଆହତ ବ୍ୟକ୍ତିଙ୍କୁ ତୁରନ୍ତ ପ୍ରାଥମିକ ଚିକିତ୍ସା ସୁବିଧା ମିଳିପାରିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ଓଡ଼ିଶାର ପ୍ରତ୍ୟେକ ଜିଲାରେ ପ୍ରାଥମିକ ଚିକିତ୍ସା ବାହିନୀ ଗଠନ କରିବାର ଆବଶ୍ୟକତା ଉପରେ ଶ୍ରୀ ପଟ୍ଟନାୟକ ଗୁରୁତ୍ୱାରୋପ କରିଛନ୍ତି । କୋରାପୁଟ ଜିଲାରେ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣର ନେତୃତ୍ୱ ନେବା ପାଇଁ ବିଶ୍ୱବିଦ୍ୟାଳୟର ସୁରକ୍ଷା ଅଧିକାରୀ ପ୍ରଦୀପ ସାମନ୍ତରାୟଙ୍କୁ ଜନ୍ସ ଆମ୍ବୁଲାନ୍ସର ସମ୍ମାନଜନକ ଯୁଗ୍ମ ସଚିବ ଭାବେ ମନୋନୀତ କରିଥିଲେ । ତାଲିମ ଅଧିକାରୀ ପି କେ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ ସେଣ୍ଟ ଜନ୍ସ ଆମ୍ବୁଲାନ୍ସର ପ୍ରତିଷ୍ଠା ଏବଂ ଭାରତରେ ଏହାର ପ୍ରତିଷ୍ଠା ଓ କାରଣ ଉପରେ ବୁଝାଇଥିଲେ । କୋରାପୁଟ ଜିଲ୍ଲା ପ୍ରକଳ୍ପ ଅଧିକାରୀ ସୁପ୍ରଭାତ ଷଡଙ୍ଗୀ, ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ଅସିତ କୁମାର ଦାସ, ବିତ୍ତ ଅଧିକାରୀ କେ କୋଶଳା ରାଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ନିଜର ସଭାପତିତ୍ୱ ଭାଷଣରେ କୁଳପତି ପ୍ରଫେସର ଶରତ ପାଳିତ ପ୍ରାଥମିକ ଚିକିତ୍ସା ସୁବିଧାର ଦକ୍ଷତା ନିଜ ଘରେ, କାର୍ଯ୍ୟ କ୍ଷେତ୍ରରେ ଏବଂ ସର୍ବ ସାଧାରଣରେ ଅତ୍ୟନ୍ତ ଆବଶ୍ୟକ ହୋଇଥାଏ ବୋଲି କହିଛନ୍ତି । ତେଣୁ ସମସ୍ତଙ୍କ ପ୍ରାଥମିକ ଚିକିତ୍ସା ଉପରେ ତାଲିମ ଦକ୍ଷତା ରହିବା ଆବଶ୍ୟକ ଏହା ଦ୍ୱାରା ଜରୁରୀକାଳୀନ ସମୟରେ ଧନଜୀବନ ବଞ୍ଚାଯାଇ ପାରିବ ବୋଲି ସେ କହିଛନ୍ତି । ଆମ୍ବୁଲାନ୍ସର ମାଷ୍ଟର ଟ୍ରେନର୍ ଗଣେଶ ବାରିକ ପ୍ରାଥମିକ ଚିକିତ୍ସା ଉପରେ ତିନି ଦିନିଆ ଶିବିରରେ ବିଶ୍ୱବିଦ୍ୟାଳୟର ସୁରକ୍ଷା କର୍ମଚାରୀଙ୍କୁ ତାଲିମ ପ୍ରଦାନ କରିବେ । ତାଲିମପ୍ରାପ୍ତ ସୁରକ୍ଷା କର୍ମଚାରୀମାନେ କୋରାପୁଟ ଅଞ୍ଚଳରେ ପ୍ରାଥମିକ ଚିକିତ୍ସା ସେବା ପ୍ରଦାନ କରିବେ ବୋଲି କୁହାଯାଇଛି । ବିଶ୍ୱବିଦ୍ୟାଳୟ ମେଡ଼ିକାଲ ଅଧିକାରୀ ଡାକ୍ତର ବୀରା ପ୍ରସାଦ ଧନ୍ୟବାଦ ଅର୍ପଣ କରିଥିଲେ । ବିଶ୍ୱବିଦ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଡକ୍ଟର ଫଗୁନାଥ ଭୋଇଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଉପସ୍ଥିତ ଥିଲେ ।



SAGAR
CEMENT
ସଲିଡ୍ ସିମେଣ୍ଟ
ମାନେ ସଲିଡ୍ ଘର ।
C & F Agent
KUTHARI AGENCY
RLY. GOODS SHED ROAD, BERHAMPUR-8
Mob.: 9437160030

THE ANUPAM BHARAT

# ଅନୁପମ ଭାରତ

www.anupambharatonline.com

PUBLISHED FROM ● BRAHMAPUR ● BHUBANESWAR ● RAYAGADA



ବିଶ୍ୱର ଧନୀ ତାଲିକାରେ ଚତୁର୍ଥ ସ୍ଥାନ ଅକ୍ତିଆର କଲେ ଆଦାନୀ ।

ବର୍ଷ ୨୭, ଅଙ୍କ ୨୯୭ | ବ୍ରହ୍ମପୁର | ରବିବାର ୧୭ ଜୁଲାଇ ୨୦୨୨ | ୮ ପୃଷ୍ଠା | ପାଞ୍ଚ ଟଙ୍କା

## ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପ୍ରାଥମିକ ଚିକିତ୍ସା ନିମନ୍ତେ ସୁରକ୍ଷା କର୍ମୀଙ୍କୁ ତାଲିମ ପ୍ରଦାନ





କୋରାପୁଟ,୧୬ା୭(ଅନୁପମ ମିଡ଼ିଆ) : ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପ୍ରାଥମିକ ଚିକିତ୍ସା ନିମନ୍ତେ ସୁରକ୍ଷା କର୍ମୀଙ୍କୁ ତାଲିମ ପ୍ରଦାନ କରାଯାଉଛି। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ଓଡିଶା ସେଣ୍ଟ ଜନ ଆମ୍ବୁଲାନସର ମିଳିତ ଆନୁକୂଲ୍ୟରେ ତିନି ଦିନିଆ ତାଲିମ ଶିବିରକୁ ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ କୁମାର ପଲିତା ଯୋଗଦେଇ ଉଦଘାଟନ କରିଥିଲେ।

ପ୍ରାଥମିକ ଚିକିତ୍ସାର ଦକ୍ଷତା ନିଜ ଘରେ, କର୍ମ କ୍ଷେତ୍ରରେ ଏବଂ ସର୍ବସାଧାରଣ ସ୍ଥାନରେ ଅତ୍ୟନ୍ତ ଆବଶ୍ୟକତା ହୋଇଥାଏ ବୋଲି ପ୍ରଫେସର ପଲିତା ପ୍ରକାଶ କରିଥିଲେ। ତେଣୁ ଯେଉଁ ଅନୁଷ୍ଠାନରେ ଯେତେ ଅଧିକ ପ୍ରାଥମିକ ଚିକିତ୍ସା ତାଲିମ ପ୍ରାପ୍ତ ବ୍ୟକ୍ତିମାନେ ରହିବେ ସେହି ଅନୁଷ୍ଠାନ ସେତେ ସୁରକ୍ଷିତ ରହିବ ବୋଲି ସେ ପ୍ରକାଶ କରିଛନ୍ତି। ସମାଜର ଯେ କୌଣସି ସ୍ଥାନରେ ପ୍ରତ୍ୟେକ ଘଟଣାରେ ମାନବ ଜୀବନ ବଞ୍ଚାଇବା ପାଇଁ ପ୍ରାଥମିକ ଚିକିତ୍ସା କୌଶଳର ଆବଶ୍ୟକତା ଉପରେ ଓଡିଶା ସେଣ୍ଟ ଜନ ଆମ୍ବୁଲାନସର ସଚିବ ତଥା କମିଶନର ଡକ୍ଟର ସନତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକାଶ କରିଛନ୍ତି। କୋରାପୁଟ ଜିଲ୍ଲାରେ ପ୍ରାଥମିକ ଚିକିତ୍ସା ତାଲିମର ନେତୃତ୍ୱ ନେବା ପାଇଁ ସେ ବିଶ୍ୱବିଦ୍ୟାଳୟର ସୁରକ୍ଷା ଅଧିକାରୀ ପ୍ରଦୀପ ସାମନ୍ତରାୟଙ୍କୁ କୋରାପୁଟ ଜିଲ୍ଲା ପାଇଁ ଜନ ଆମ୍ବୁଲାନସର ସମ୍ମାନଜନକ ଯୁଗ୍ମ ସଚିବ ଭାବେ ମନୋନୀତ କରିଥିଲେ। ବ୍ରିଟେନରେ ସେଣ୍ଟ ଜନ ଆମ୍ବୁଲାନସ ପ୍ରତିଷ୍ଠା ଏବଂ ପରେ ଭାରତରେ ପ୍ରତିଷ୍ଠାର ଆଭିମୁଖ୍ୟ ଉପରେ ତାଲିମ ଅଧିକାରୀ ଡକ୍ଟର ପି. କେ. ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଆଲୋକପାତ କରିଥିଲେ। କୁଳସଚିବ ପ୍ରଫେସର ଅସିତ କୁମାର ଦାସ ଓ ବିତ୍ତ ଅଧିକାରୀ କେ କୋଶଲା ରାଓ ସେଣ୍ଟ ଜନ ଆମ୍ବୁଲାନସର ଉଦ୍ୟମକୁ ସମର୍ଥନ ସହ ପ୍ରଶଂସା କରିଥିଲେ। ଏହି ଅବସରରେ ଅନ୍ୟ କର୍ମଚାରୀଙ୍କ ସମେତ ଲୋକ ସମ୍ପର୍କ ଅଧିକାରୀ ଡକ୍ଟର ଫଗୁନାଥ ଭୋଇ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟ ମେଡିକାଲ ଅଫିସର ଡାକ୍ତର ବୀରା ପ୍ରସାଦ ଧନ୍ୟବାଦ ଅର୍ପଣ କରିଥିଲେ। ସେଣ୍ଟ ଜନ ଆମ୍ବୁଲାନସର ମାଷ୍ଟର ଟ୍ରେନର ଗଣେଶ ବାରିକ ସୁରକ୍ଷା କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରିବେ ବୋଲି ଜଣାପଡିଛି।

THE SAKALA
Jeypore - 18 Jul 2022 - Page 6

# ୩ ଦିନିଆ ପ୍ରାଥମିକ ଚିକିତ୍ସା ତାଲିମ୍ କାର୍ଯ୍ୟକ୍ରମ

**କୋରାପୁଟ, ୧୭।୭ (ସମିସ)**

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ସୁରକ୍ଷାକର୍ମୀଙ୍କ ପାଇଁ ଏକ ତିନିଦିନିଆ ପ୍ରାଥମିକ ଚିକିତ୍ସା ତାଲିମ୍ କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳର ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ କୁମାର ପାଳିତା ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ସେଣ୍ଟ ଜନ୍ ଆମ୍ବୁଲାନ୍ସ ମିଳିତ ଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସେଣ୍ଟଜନ୍ ଆମ୍ବୁଲାନ୍ସର ସଚିବ ତଥା କମିଶନର ଡ.ସନତ ପଟ୍ଟନାୟକ ମୁଖ୍ୟଅତିଥି, ତାଲିମ ଅଧିକାରୀ ଡ.ପି କେ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କୋରାପୁଟ ଜିଲ୍ଲା ପ୍ରକଳ୍ପ ଅଧିକାରୀ ସୁପ୍ରଭାତ ସଢ଼ଙ୍ଗୀ, ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ଅସିତ କୁମାର ଦାସ ଓ ବିତ୍ତ ଅଧିକାରୀ କେ.କୋଶଲା ରାଓ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରଦୀପ କୁମାର ସାମନ୍ତରାୟ, ସୁରକ୍ଷା ଅଧିକାରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଫେସର ଶ୍ରୀପଳିତା ପ୍ରାଥମିକ ଚିକିତ୍ସା ଦକ୍ଷତାର ମୂଲ୍ୟ ଓ ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ପ୍ରାଥମିକ ଚିକିତ୍ସାର ଦକ୍ଷତା ନିଜଘରେ, କର୍ମକ୍ଷେତ୍ରରେ ଓ ସର୍ବସାଧାରଣ ସ୍ଥାନରେ ଅତ୍ୟନ୍ତ ଆବଶ୍ୟକ ହୋଇଥାଏ ବୋଲି କହିଥିଲେ। ସୁରକ୍ଷା କର୍ମଚାରୀଙ୍କୁ ତିନିଦିନର ତାଲିମ କାର୍ଯ୍ୟକ୍ରମରେ ପ୍ରାଥମିକ ଚିକିତ୍ସାର ଦକ୍ଷତା ଉତ୍ତମ ରୂପେ ଶିଖିବାକୁ ସେ ଅନୁରୋଧ କରିଥିଲେ। ସମାଜର ଯେକୌଣସି ସ୍ଥାନରେ ପ୍ରତ୍ୟେକ ଘଟଣାରେ ମାନବ ଜୀବନ ବଞ୍ଚାଇବା ପାଇଁ ପ୍ରାଥମିକ ଚିକିତ୍ସା କୌଶଳର ଆବଶ୍ୟକତା ଉପରେ ଡ.ପଟ୍ଟନାୟକ ଗୁରୁତ୍ୱାରୋପ କରିଥିଲେ। ପ୍ରତ୍ୟେକ ସେଣ୍ଟ ଜନ୍ ଆମ୍ବୁଲାନ୍ସ ପ୍ରତିଷ୍ଠା ଓ ପରେ ଭାରତରେ ପ୍ରତିଷ୍ଠାର କାରଣ ଏବଂ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସେଣ୍ଟ ଜନ୍ ଆମ୍ବୁଲାନ୍ସର ମାଷ୍ଟର ଟ୍ରେନର ଗଣେଶ ବାରିକ ପ୍ରାଥମିକ ଚିକିତ୍ସା ଉପରେ ତିନି ଦିନିଆ ତାଲିମ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସୁରକ୍ଷା କର୍ମଚାରୀମାନଙ୍କୁ ତାଲିମ ଦେବେ ବୋଲି ଜଣାପଡ଼ିଛି। ପ୍ରଥମ ବ୍ୟାଚରେ ୨୫ଜଣ ସୁରକ୍ଷାକର୍ମୀଙ୍କୁ ତାଲିମ ଦିଆଯିବ। ତାଲିମପ୍ରାପ୍ତ ଏହି




ଜିଲ୍ଲାରେ ପ୍ରାଥମିକ ଚିକିତ୍ସା ବାହିନୀ ଗଠନ ପାଇଁ ସେ ଅନୁରୋଧ କରିଥିଲେ। କୋରାପୁଟ ଜିଲ୍ଲାରେ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣର ନେତୃତ୍ୱ ନେବା ପାଇଁ ସେ ବିଶ୍ୱବିଦ୍ୟାଳର ସୁରକ୍ଷା ଅଧିକାରୀ ପ୍ରଦୀପ ସାମନ୍ତରାୟଙ୍କୁ କୋରାପୁଟ ଜିଲ୍ଲା ପାଇଁ ଜନ୍ ଆମ୍ବୁଲାନ୍ସର ସମ୍ମାନ ଜନକ ଯୁଗ୍ମ ସଚିବ ଭାବେ ମନୋନୀତ କରିଥିଲେ। ଡ. ମହାପାତ୍ର ବ୍ରିଟେନରେ ସୁରକ୍ଷା କର୍ମଚାରୀମାନେ କୋରାପୁଟ ଅଞ୍ଚଳରେ ପ୍ରାଥମିକ ଚିକିତ୍ସା ସେବା ପ୍ରଦାନ କରିବେ। ଏହି ତାଲିମ ଶିବିରରେ ବିଶ୍ୱବିଦ୍ୟାଳୟର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସମେତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟର ମେଡିକାଲ ଅଫିସର ଡ.ବୀରା ପ୍ରସାଦ ଧନ୍ୟବାଦ ଅର୍ପଣ କରିଥିଲେ।

ପୃଷ୍ଠା–୮+୮

ଧରିତ୍ରୀ
DHARITRI

ରାୟଗଡ଼ା, ସୋମବାର, ଜୁଲାଇ ୧୮/୨୦୨୨ (୮+୮=୧୬ ପୃଷ୍ଠା) Rayagada, Monday, July 18/2022 Page 16 | ପୃଷ୍ଠା-୧




# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରାଥମିକ ଚିକିତ୍ସା ତାଲିମ କାର୍ଯ୍ୟକ୍ରମ

କୋରାପୁଟ,୧୭।୭(ସ୍ୱ.ପ୍ର.)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟରେ ସୁରକ୍ଷାକର୍ମୀମାନଙ୍କ ପାଇଁ ଏକ ୩ଦିନିଆ ଚିକିତ୍ସା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ ପଲିତା ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଓଡ଼ିଶା ସେଣ୍ଟ ଜନ୍ ଆମ୍ବୁଲାନ୍ସର ସଚିବ ତଥା କମିଶନର ଡାକ୍ତର ସନତ ପଟ୍ଟନାୟକ ମୁଖ୍ୟଅତିଥି, ତାଲିମ ଅଧିକାରୀ ଡାକ୍ତର ପି.କେ.ମହାପାତ୍ର ମୁଖ୍ୟବକ୍ତା, ସମ୍ମାନିତ ଅତିଥି ରୂପେ ଜିଲା ପ୍ରକଳ୍ପ ଅଧିକାରୀ ସୁପ୍ରଭାତ ଷଡ଼ଙ୍ଗୀ, ବିଶ୍ୱ ବିଦ୍ୟାଳୟର କୁଳସଚିବ ପ୍ରଫେସର ଅସିତ ଦାସ, ବିତ୍ତ ଅଧିକାରୀ କେ. କୋଶଳା ରାଓ ଉପସ୍ଥିତ ଥିଲେ। କୁଳପତି ପ୍ରଫେସର ପଲିତା ପ୍ରାଥମିକ ଚିକିତ୍ସାରେ ଦକ୍ଷତାର ମୂଲ୍ୟ ଏବଂ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଯେଉଁ ଅନୁଷ୍ଠାନରେ ଯେତେ ଅଧିକ ପ୍ରାଥମିକ ଚିକିତ୍ସା ତାଲିମପ୍ରାପ୍ତ ବ୍ୟକ୍ତିମାନେ ଅଛନ୍ତି ସେହି ଅନୁଷ୍ଠାନ ସେତେ ସୁରକ୍ଷିତ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ପ୍ରତ୍ୟେକ ଘଟଣାରେ ଜୀବନ ବଞ୍ଚାଇବା ପାଇଁ ପ୍ରାଥମିକ ଚିକିତ୍ସା କୌଶଳର ଆବଶ୍ୟକତା ଉପରେ ମୁଖ୍ୟଅତିଥି ଡାକ୍ତର ପଟ୍ଟନାୟକ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ କୋରାପୁଟ ଜିଲାର ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ନେତୃତ୍ୱ ନେବା ପାଇଁ ସେ ବିଶ୍ୱବିଦ୍ୟାଳୟ ସୁରକ୍ଷା ଅଧିକାରୀ ପ୍ରଦୀପ ସାମନ୍ତରାୟଙ୍କୁ କୋରାପୁଟ ଜନ ଆମ୍ବୁଲାନ୍ସର ସମ୍ମାନଜନକ ଯୁଗ୍ମ ସଚିବ ଭାବେ ମନୋନୀତ କରିଥିଲେ। ମୁଖ୍ୟବକ୍ତା ଡାକ୍ତର ମହାପାତ୍ର ବ୍ରିଟେନରେ ସେଣ୍ଟ ଜନ ଆମ୍ବୁଲାନ୍ସ ପ୍ରତିଷ୍ଠା ଏବଂ ପରେ ଭାରତରେ ଏହାର ପ୍ରତିଷ୍ଠାର କାରଣ ଏବଂ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସୁରକ୍ଷା ଅଧିକାରୀ ସାମନ୍ତରାୟ ସ୍ୱାଗତ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡାକ୍ତର ଫଗୁନାଥ ଭୋଇ, ମେଡିକାଲ ଅଫିସର ଡାକ୍ତର ବୀରପ୍ରସାଦ ଉପସ୍ଥିତ ଥିଲେ। ସେଣ୍ଟ ଜନ ଆମ୍ବୁଲାନ୍ସର ମାଷ୍ଟର ଟ୍ରେନର ଗଣେଶ ବାରିକ ପ୍ରାଥମିକ ଚିକିତ୍ସା ଉପରେ ବିଶ୍ୱବିଦ୍ୟାଳୟର ସୁରକ୍ଷା କର୍ମଚାରୀମାନଙ୍କୁ ତାଲିମ ଦେବେ । ପ୍ରଥମ ବ୍ୟାଚରେ ୨୫ ଜଣ ସୁରକ୍ଷା କର୍ମୀ ତାଲିମ ନେବେ।